ଧରିତ୍ରୀ DHARITRI
ରବିବାର, ୧୬ ଜାନୁୟାରୀ, ୨୦୨୨

**ଦିନକରେ ୬୯ ପଜିଟିଭ୍**

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲାରୁ ୨୪ ଘଣ୍ଟାରେ ୬୯ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରେ ଓଡ଼ାପଡ଼ା ବ୍ଲକରୁ ସର୍ବାଧିକ ୨୬ଜଣ ରହିଛନ୍ତି। ସେହିପରି ଢେଙ୍କାନାଳ ପୌରାଞ୍ଚଳରୁ ୧୦, ଭୁବନ ବ୍ଲକରୁ ୨ ଓ ଏନ୍‌ଏସିରୁ ୬, ସଦର ବ୍ଲକରୁ ୩, ଗଁଦିଆ ବ୍ଲକରୁ ୪, ହିନ୍ଦୋଳ ବ୍ଲକରୁ ୮ ଓ ଏନ୍‌ଏସିରୁ ୧, କାମାକ୍ଷାନଗର ବ୍ଲକରୁ ୧, ପରଜଙ୍ଗ ବ୍ଲକରୁ ୪ ଏବଂ ଅନ୍ୟ ଚିକିତ୍ସାଳୟରୁ ୪ ରହିଛନ୍ତି। ସେହିପରି ଦିନକରେ ୨୮ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ଜିଲାରେ ଏବେ ୩୩୧ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



## ସଂକ୍ଷେପରେ

### ୬ ଜୁଆଡ଼ି ଗିରଫ



**ଅନୁଗୋଳ ଅଫିସ,୧୫।୧:** ଅନୁଗୋଳ ସଦର ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ପଞ୍ଚମହଲାର ଏକ ଜଙ୍ଗଲିଆ ଅଞ୍ଚଳରେ ଚଢ଼ାଉକରି ୬ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନେ ହେଲେ ହେମସୁରପଡ଼ାର ଧରଣୀ ଦାସ, ମଦନମୋହନପଡ଼ାର ଜ୍ଞାନ ରଞ୍ଜନ ପୃଷ୍ଟି, କଣିହାଁ ଥାନା ଦୁର୍ଗାପୁରର ଶ୍ରୀଧର ନାଏକ, ଥର୍ମାଲ ଥାନା ଜଗନ୍ନାଥପୁରର ରୁଚିର ନାହାକ, କଲିୟାରୀ ଥାନା ଡଅଁରାର ମାନସ ବିଶ୍ୱାଳ ଓ କଣିହାଁ ଥାନା ସନ୍ତରାବନ୍ଧର ନିରଞ୍ଜନ ସାହୁ। ସେମାନଙ୍କଠାରୁ ୧୦ ହଜାର ୭୪୦ ଟଙ୍କା, ମୋବାଇଲ ଫୋନ୍, ଗୋଟିଏ ଏସ୍‌ୟୁଭି କାର, ୨ଟି ବାଇକ୍ ଜବତ କରାଯାଇଛି।

### ଚୋରି ମାମଲାରେ ୨ ଗିରଫ

**ପବିତ୍ରନଗର,୧୫।୧(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ପୋଲିସ ଚୋରି ମାମଲାରେ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କୋଲିୟାରୀ ଥାନା ଡେରାର ସତ୍ୟବ୍ରତ ଗଡନାୟକ ଓ ନୂଆ ବଲଣ୍ଡାର ରାଜୀବ କୁମାର ପ୍ରଧାନ। ଗତ ଡିସେମ୍ବରରେ ଶରଧାପୁର ଗ୍ରାମର ବନୋଜ କୁମାର ବେହେରାଙ୍କ କଟର ମେସିନ, ମୋବାଇଲ, ପାଣି ପମ୍ପ ଆଦି ଚୋରି ହୋଇଥିଲା। ପୋଲିସ ନଂ. ୨୮୧/୨୦୨୧ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ମାନସିକ ଭିନ୍ନକ୍ଷମ ମହିଳା ଉଦ୍ଧାର

**ଅନୁଗୋଳ ଅଫିସ,୧୫।୧:** ଅନୁଗୋଳ ହୁଲୁରସିଂହା ନାଏକ ସାହିର ମାନସିକ ଅନଗ୍ରସର ମହିଳା ସୁଭଦ୍ରା ନାଏକ (୩୦)ଙ୍କୁ ଶିରିଡ଼ିସାଇ ଆତ୍ମଦର୍ଶନ ଚାରିଟେବୁଲ ଟ୍ରଷ୍ଟ ସଭାପତି ବିଦ୍ୟାଧର ନାଏକଙ୍କ ତତ୍ତ୍ୱାବଧାନରେ ଶନିବାର ଉଦ୍ଧାର କରାଯାଇଛି। ସ୍ଥାନୀୟ ବାସିନ୍ଦା ଚମେଲି ନାଏକଙ୍କ ସହଯୋଗ ଓ ସଂଯୋଜକ ଅଜୟ କୁମାର ତ୍ରିପାଠୀଙ୍କ ସହାୟତାରେ ସୁଭଦ୍ରାଙ୍କୁ ତାଳଚେରସ୍ଥିତ ମିଶନ ଆଶ୍ରାକୁ ପଠାଯାଇଛି।

### ଆଇନ ସଚେତନତା ଶିବିର

**ଢେଙ୍କାନାଳ ଅଫିସ,୧୫।୧:** ଢେଙ୍କାନାଳ ଜିଲାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶରେ ଶନିବାର ଭର୍ଚୁଆଲ୍ ମାଧ୍ୟମରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ସରକାରଙ୍କ ଦ୍ୱାରା କୋଭିଡ୍ ମହାମାରୀରେ ପ୍ରଭାବିତଙ୍କ ପାଇଁ ରହିଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ରଜନାଥ ବଡ଼ଜେନା ହାଇସ୍କୁଲର ଛାତ୍ରୀଛାତ୍ର ଏବଂ ଶିକ୍ଷକ ଦେବରାଜ ରାଉତ ଆଲୋଚନାରେ ଭାଗ ନେଇଥିଲେ।

### ବ୍ୟାସକବି ଜୟନ୍ତୀ ପାଳିତ

**ଢେଙ୍କାନାଳ ଅଫିସ, ୧୫।୧:** ଢେଙ୍କାନାଳ ଲେଖକ ସଂସଦ ଭବନରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ସଭାପତି ଭିକାରୀ ଚରଣ ରାଉତଙ୍କ ସଭାପତିତ୍ୱରେ ଡ. ଭବାନୀ ଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫକୀରମୋହନଙ୍କ ଅସାଧାରଣ ପ୍ରତିଭା ବିଷୟରେ ଆଲୋଚନା କରିଥିଲେ। ପ୍ରବାସିନୀ ମହାକୁଡ ବ୍ୟାସକବିଙ୍କ କବିତା, ଅଧାପକ ଗୁରୁ ରାଉତରାୟ ଉପନ୍ୟାସ ଛ'ମାଣ ଆଠଗୁଣ୍ଠ ବିଷୟରେ ଆଲୋଚନା କରିଥିଲେ। ପଣ୍ଡିତ ବିପିନି ବିହାରୀ ଶତପଥୀ, ହୃଦାନନ୍ଦ ଦ୍ୱିବେଦୀ, ସମ୍ପାଦକ ବସନ୍ତ ପଟ୍ଟନାୟକ, କୋଷାଧକ୍ଷ କାଳିନ୍ଦୀ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଟେଷ୍ଟ ପାଇଁ ବଢ଼ୁଛି ଭିଡ଼

**ଅନୁଗୋଳ ଅଫିସ, ୧୫।୧:** ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ଦ୍ରୁତଗତିରେ ବଢ଼ୁଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଟେଷ୍ଟ ପାଇଁ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। ପ୍ରଶାସନ ଓ ପୋଲିସ ପକ୍ଷରୁ କଟକଣା କଡ଼ାକଡ଼ି କରାଯାଇଥିଲେ ମଧ ଅନେକ ସମୟରେ ଉଠା ଦୋକାନୀ ଓ ସହରବାସୀ କୋଭିଡ୍ ନିୟମ ଠିକ୍ ଭାବେ ପାଳନ କରୁ ନ ଥିବା ଅଭିଯୋଗ ହେଉଛି। ସେହିପରି ମାର୍କେଟରେ ଅଯଥା ଗହଳି ମଧ ଜମୁଛି। ଜିଲା ମୁଖ୍ୟ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତି କାର୍ଯ୍ୟାଳୟର ଜଣେ କର୍ମଚାରୀ ପଜିଟିଭ୍ ହେବା ପରେ ଅନ୍ୟ କର୍ମଚାରୀମାନଙ୍କୁ ନିଜ ସ୍ୱାବ୍ ପରୀକ୍ଷା କରାଇବାକୁ ପରାମର୍ଶ ଦିଆଯାଇଛି। କାର୍ଯ୍ୟାଳୟକୁ ସାନିଟାଇଜ୍ ସହ ସାମୟିକ ବନ୍ଦ ରଖାଯାଇଛି। ଖୁବ୍‌ଶୀଘ୍ର ମେଡିକାଲ ପକ୍ଷରୁ ଟେଲି ମେଡିସିନ ସେବା ଆରମ୍ଭ ହେବ ବୋଲି ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଜନତାମୁହାଁ ନେତା

ଅଜିତ ଧଳ
ଛେଣ୍ଡିପଦା,୧୫।୧

- ୫୨ ପଞ୍ଚାୟତ ଅକ୍ତିଆର ପାଇଁ ରଣନୀତି
- ୬ ଜୋନ୍ ପାଇଁ ଲଢ଼ିବେ ବିଜେଡି, ଭାଜପା ଓ କଂଗ୍ରେସ
- ଛେଣ୍ଡିପଦାରେ ରାଜନୀତି ସରଗରମ

ପାଖେଇ ଆସିଲାଣି ପଞ୍ଚାୟତ ନିର୍ବାଚନ। ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ ପ୍ରାର୍ଥୀପତ୍ର ଦାଖଲ। ତେଣୁ ତରବର ହୋଇ ନେତା ହୋଇଛନ୍ତି ଜନତା ମୁହାଁ। ଅନୁଗୋଳ ଜିଲା ଛେଣ୍ଡିପଦା ବିଧାନସଭା ନିର୍ବାଚନମଣ୍ଡଳୀରେ ଥିବା ମୋଟ୍ ୫୨ଟି ପଞ୍ଚାୟତ ଓ ୬ଟି ଜିଲା ପରିଷଦ ଜୋନ୍ ଅକ୍ତିଆର କରିବାକୁ ରଣନୀତି ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି ସ୍ଥାନୀୟ ବିଜେଡି, ଭାଜପା ଓ କଂଗ୍ରେସ ଦଳର ନେତୃବୃନ୍ଦ।

ଫେବୃୟାରୀ ୧୮ ତାରିଖରେ ଛେଣ୍ଡିପଦା ବିଧାନସଭା ନିର୍ବାଚନ ମଣ୍ଡଳୀରେ ହେବ ଭୋଟ୍ ଗ୍ରହଣ। ଛେଣ୍ଡିପଦାର ମୋଟ୍ ୩୪ ପଞ୍ଚାୟତ ଓ ବଅଁରପାଳ ବ୍ଲକର ୧୮ ପଞ୍ଚାୟତର ଭୋଟରମାନେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବରଙ୍କ ସହ ୬ଟି ଜିଲା ପରିଷଦ ଜୋନ୍‌ର ସଦସ୍ୟଙ୍କୁ ନିର୍ବାଚିତ କରିବେ। ବିଶେଷକରି କେଉଁ ଜୋନ୍‌ରୁ କିଏ ପ୍ରାର୍ଥୀ ହେବେ ସେ ନେଇ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଚୟନ ଜାରି ରହିଥିବାବେଳେ ଆଶାୟୀମାନେ କିନ୍ତୁ ଘର ଘର ବୁଲି ସମର୍ଥନ ଗୋଟାଇବାରେ ଲାଗିପଡ଼ିଛନ୍ତି। ନାମାଙ୍କନପତ୍ର ଦାଖଲ ଆଉ ମାତ୍ର ଦିନ କେଇଟା ଥିବାରୁ ଆଶାୟୀମାନେ ଅଧିକ ସମୟ ଗାଁକୁ ଯାଇ ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ ଚଳାଇଛନ୍ତି। ଗତ ୨୦୧୭ ପଞ୍ଚାୟତ ନିର୍ବାଚନରେ ୬ଟି ଜୋନ୍ ମଧ୍ୟରୁ ବିଜେଡି ୫ଟିରେ ବିଜୟୀ ହୋଇଥିଲା। ଭାଜପା ଭାଗରେ କେବଳ ଗୋଟିଏ ୨୫ ନଂ. ଜୋନ୍ ପଡ଼ିଥିଲା। ତେଣୁ ଗତଥରର ଧାରା ଭାଙ୍ଗିବାକୁ ଉଭୟ ଦଳ ଉଦ୍ୟମ ଚଳାଇଥିବାବେଳେ କଂଗ୍ରେସ ମଧ୍ୟ ଆଉ ଅଧିକ ଦିନ ପଛରେ ରହିବାକୁ ଚାହୁଁନାହିଁ ବୋଲି କର୍ମୀ ମହଲରେ ଆଲୋଚନା ହେଉଛି। ତେବେ ନିର୍ବାଚନମଣ୍ଡଳୀର ମୋଟ୍ ୨ଲକ୍ଷ ୧ ହଜାର ୨୬୪ ଭୋଟର କେଉଁ ଦଳ ସହ ଆଗକୁ ବଢ଼ିବାକୁ ଇଚ୍ଛା ପ୍ରକଟ କରୁଛନ୍ତି, ତାହା ଭୋଟ ଗଣତି ହିଁ ସ୍ପଷ୍ଟ କରିଦେବ।

## ସେମାନେ ଯାହା କୁହନ୍ତି

### ଉଡ଼ିବ ବିଜୟ ବାନା



ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ପ୍ରତି ଜନସାଧାରଣଙ୍କ ସମର୍ଥନ ରହିଛି। ତେଣୁ ପଞ୍ଚାୟତ ନିର୍ବାଚନରେ ଭୋଟରମାନେ ମୁଖ୍ୟମନ୍ତ୍ରୀଙ୍କ ଆଶା ଓ ବିଶ୍ୱାସକୁ ସାକାର କରିବେ। ସମସ୍ତ ଜିଲା ପରିଷଦ ଜୋନ୍‌ରେ ବିଜେଡିର ବିଜୟ ବାନା ଉଡ଼ିବ।

-ସୁଶାନ୍ତ କୁମାର ବେହେରା, ବିଧାୟକ, ଛେଣ୍ଡିପଦା

### ଜନସମର୍ଥନ ବଢ଼ିଛି



ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଯୋଗୁ ଭାଜପା ପ୍ରତି ଜନସମର୍ଥନ ବୃଦ୍ଧି ପାଇଛି। ଏହାର ପ୍ରଭାବ ପଞ୍ଚାୟତ ନିର୍ବାଚନରେ ଦେଖିବାକୁ ମିଳିବ। ବ୍ଲକ ଅଧ୍ୟକ୍ଷ ପଦ ସହ ୬ଟି ଯାକ ଜିଲା ପରିଷଦ ଜୋନ୍ ଭାଜପା ଖାତାକୁ ଆସିବ।

-ଅଗସ୍ତି ବେହେରା, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

### କଂଗ୍ରେସ ଉପରେ ଆସ୍ଥା



କେନ୍ଦ୍ର ସରକାର ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବଢ଼ାଇଛନ୍ତି। ରାଜ୍ୟ ସରକାର ବେକାରି ସମସ୍ୟାର ସମାଧାନ କରିପାରୁ ନାହାନ୍ତି। ମହିଳାମାନଙ୍କ ସୁରକ୍ଷା ଏଠାରେ ବିପନ୍ନ। ତେଣୁ ଜନସାଧାରଣ ଏବେ କଂଗ୍ରେସ ଉପରେ ଆସ୍ଥା ପ୍ରକଟ କରିବେ।

-ସସ୍ମିତା ବେହେରା, ସମ୍ପାଦିକା, ଅଖିଳ ଭାରତ ମହିଳା କଂଗ୍ରେସ

# ବିଦ୍ୟାଳୟ ସ୍ଥାନାନ୍ତରକୁ ବିରୋଧ



କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ।

ବଇଣ୍ଡା,୧୫।୧(ଡି.ଏନ.ଏ.)

କିଶୋରନଗର ବ୍ଲକ କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତରକୁ ବଇଣ୍ଡା ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ଶନିବାର ୱାର୍ଡ ପ୍ରତିନିଧି ଓ ବଇଣ୍ଡା ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ୧୯୩୫ ମସିହାରେ ବଇଣ୍ଡା ଛକରେ ସ୍ଥାପିତ କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟକୁ ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ନିମନ୍ତେ ଭଙ୍ଗାଯାଉଛି। ବିଦ୍ୟାଳୟର ନୂତନ ଗୃହ ଏଯାଏ ନିର୍ମାଣ ହୋଇ ନ ଥିବାବେଳେ ଏହାକୁ ନିକଟସ୍ଥ ପ୍ଲଟ ନମ୍ବର ୫୫୭ ଖାତା ନମ୍ବର ୧୩୮ରେ ଥିବା ଜମିରେ ସ୍ଥାପନ କରିବାକୁ ଗ୍ରାମବାସୀ ଦାବି କରି ଆସୁଛନ୍ତି। କିନ୍ତୁ ଅନ୍ୟ କେତେଜଣ ବ୍ୟକ୍ତି ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ପ୍ରଶାସନିକ ଅଧିକାରୀଙ୍କ ଜରିଆରେ ବିଦ୍ୟାଳୟକୁ ୫୦୦ ମିଟର ଦୂର ହାଇସ୍କୁଲଠାରେ ଥିବା ଜମିକୁ ସ୍ଥାନାନ୍ତର କରିବାକୁ ଉଦ୍ୟମ ଚଳାଇଛନ୍ତି। ଏପରି କି ବିଦ୍ୟାଳୟ ସ୍ଥାପନ ପାଇଁ ସେପ୍ଟେମ୍ବର ୨୮, ୨୦୨୧ରେ ୱାର୍ଡସଭ୍ୟଙ୍କ ଉପସ୍ଥିତିରେ ଜମି ଚିହ୍ନଟ କରାଯାଇଥିବା କିଶୋରନଗର ତହସିଲଦାର ଆଠମଲ୍ଲିକ ଉପଜିଲାପାଳଙ୍କୁ ରିପୋର୍ଟ ଦେଇଛନ୍ତି। ତେବେ ଉକ୍ତ ଜମି ଚିହ୍ନଟ ପ୍ରକ୍ରିୟା ବେଳେ କୌଣସି ୱାର୍ଡ ସଭ୍ୟ ଉପସ୍ଥିତି ନ ଥିବା ଜିଲାପାଳଙ୍କ ଠାରେ ୱାର୍ଡ ସଭ୍ୟମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରା ନ ଯାଇ ବିଦ୍ୟାଳୟ ପଛ ପାଖ ଜମିରେ ନୂତନ ଗୃହ ନିର୍ମାଣ ସହ ମିଥ୍ୟା ରିପୋର୍ଟ ପ୍ରଦାନର ତଦନ୍ତ କରିବାକୁ ନାଏବ ସରପଞ୍ଚ ସୁରେଖା ବେହେରା, ୱାର୍ଡ ମେମ୍ବର ବାସନ୍ତୀ ମୁଖୀ, ସୁଜାତା ସାହୁ, ମୀନାକ୍ଷୀ ସାହୁ ପ୍ରମୁଖ ଦାବି କରିଛନ୍ତି। କିଶୋରନଗର ତହସିଲଦାର ଡ. ଶାନ୍ତି ସ୍ୱରୂପା ମିଶ୍ର କହିଛନ୍ତି, ସମସ୍ତଙ୍କ ଉପସ୍ଥିତିରେ ଜମି ଚିହ୍ନଟ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଛି।

### ଜିଲାପାଳଙ୍କ ନିକଟରେ ଅଭିଯୋଗ

# ଚିଠା ସଂରକ୍ଷଣ ତାଲିକା ପ୍ରକାଶ

ଢେଙ୍କାନାଳ ଅଫିସ,୧୫।୧

### ପୌରାଧ୍ୟକ୍ଷ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ

ଢେଙ୍କାନାଳ ମ୍ୟୁନିସିପାଲିଟି ଅଧ୍ୟକ୍ଷଙ୍କ ସମେତ ଜିଲାର ୨ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଅଧ୍ୟକ୍ଷ ପଦବୀ ପାଇଁ ଶନିବାର ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଢେଙ୍କାନାଳ ପୌରାଧ୍ୟକ୍ଷ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି କାମାକ୍ଷାନଗର ଏବଂ ଭୁବନ ଏନ୍‌ଏସି ଅଧ୍ୟକ୍ଷ ପଦବୀ ଅଣସଂରକ୍ଷିତ ରହିଛି। ହିନ୍ଦୋଳ ଏନ୍‌ଏସିର କାର୍ଯ୍ୟକାଳ ପୂରି ନ ଥିବାରୁ ଏଠାରେ ନିର୍ବାଚନ ହେଉନାହିଁ।

ଦୀର୍ଘ ୩ ବର୍ଷ ପରେ ଢେଙ୍କାନାଳ ପୌର ପରିଷଦ ନିର୍ବାଚନ ହେବ। କାର୍ଯ୍ୟକାଳ ପୂରଣ ହୋଇସାରିଥିଲେ ମଧ୍ୟ ବିଭିନ୍ନ କାରଣରୁ ଏଠାରେ ନିର୍ବାଚନ ହୋଇପାରି ନ ଥିଲା। ପରିଷଦ ଭାଙ୍ଗି ଦିଆଯାଇଥିବାରୁ ପୌରସଂସ୍ଥା ପରିଚାଳନା ଦାୟିତ୍ୱ ଜିଲାପାଳଙ୍କ କାନ୍ଧରେ ନ୍ୟସ୍ତ କରାଯାଇଥିଲା। ୨୦୧୩ରେ ଅନୁଷ୍ଠିତ ନିର୍ବାଚନରେ ପୌରାଧ୍ୟକ୍ଷ ପଦବୀ ଅନୁସୂଚିତ ଜାତି ବର୍ଗ ପ୍ରାର୍ଥୀଙ୍କ ଲାଗି ସଂରକ୍ଷିତ ରହିଥିଲା। ଏହାପୂର୍ବରୁ ଏହି ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା। ଏଥିପୂର୍ବରୁ ପୌରସଂସ୍ଥାର ୱାର୍ଡ ସଂରକ୍ଷଣ ତାଲିକା ପ୍ରକାଶିତ ହୋଇସାରିଛି। ଏ ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଥିଲେ ୧୫ଦିନ ମଧ୍ୟରେ ରାଜ୍ୟସ୍ତରରେ ଅଭିଯୋଗ ଦାଖଲ କରାଯାଇପାରିବ ବୋଲି ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ସୂଚନା ଦେଇଛନ୍ତି। ଅନ୍ୟପଟେ ଜିଲା ରାଜନୀତିର ପ୍ରମୁଖ କେନ୍ଦ୍ର କୁହାଯାଉଥିବା ଢେଙ୍କାନାଳ ପୌରସଂସ୍ଥାର ଅଧ୍ୟକ୍ଷ ପଦବୀ ମହିଳାଙ୍କ ଲାଗି ସଂରକ୍ଷିତ ରଖାଯିବା ପରେ ବହୁ ପୁରୁଷ ଆଶାୟୀ ନିରାଶ ହୋଇଛନ୍ତି।

# ପ୍ରବନ୍ଧରେ ଅମିତ ଶ୍ରେଷ୍ଠ




ଜାତୀୟ ଯୁବ ଦିବସ ଅବସରରେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଢେଙ୍କାନାଳ ଅଫିସ, ୧୫।୧

ଢେଙ୍କାନାଳ ସଦର ବ୍ଲକ ବ୍ରାହ୍ମଣୀ ଦେବୀ କ୍ଲବ ଏବଂ ନେହେରୁ ଯୁବକେନ୍ଦ୍ରର ମିଳିତ ସହଯୋଗରେ ଜାତୀୟ ଯୁବ ଦିବସ ଉପଲକ୍ଷେ ପ୍ରବନ୍ଧ ଏବଂ ସୂର୍ଯ୍ୟ ନମସ୍କାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରବନ୍ଧରେ ଅମିତ ଦାସ ପ୍ରଥମ, ଅଙ୍କିତା ରାଉତ ଦ୍ୱିତୀୟ ଏବଂ ଶୁଭଲକ୍ଷ୍ମୀ ପାତ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମୁଖ୍ୟ ଅତିଥି ଭାବେ ସମୀର ସାହୁ, ସମ୍ମାନିତ ଅତିଥି ପ୍ରିୟମ୍ବଦା ମହାନ୍ତି ଏବଂ ପ୍ରଯତ୍ନ ବରାଳ ଉପସ୍ଥିତ ଥିଲେ। କ୍ଲବ ସଭାପତି ବିପ୍ରବର ବେହେରା, ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ସୁଜିତ ନାୟକ ପରିଚାଳନାରେ ସହଯୋଗ କରିଥିଲେ।

### କୃଷି ବିଭାଗ ବ୍ରାଣ୍ଡ୍ ଆମ୍ବାସାଡରଙ୍କ ପରଲୋକ

ଅନୁଗୋଳ ଅଫିସ,୧୫।୧

ଅନୁଗୋଳ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବ୍ରାଣ୍ଡ୍ ଆମ୍ବାସାଡ୍‌ର ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ସଫଳ ଚାଷୀ ମାଗତା ପ୍ରଧାନ (୭୮)ଙ୍କ ଗତ ୭ ତାରିଖରେ ତାଙ୍କ ବାସଭବନ ବଅଁରପାଳ ବ୍ଲକ ଜରାସିଂହାଠାରେ ପରଲୋକ ହୋଇଯାଇଛି। ଜୈବିକ ଖତସାରକୁ କ୍ଷେତରେ ବହୁଳ ଭାବେ ପରିଚାଳନା କରିବାରେ ଦକ୍ଷତା ଓ ପ୍ରସାର ପ୍ରଚାର ତାଙ୍କୁ ଅନୁଗୋଳ ଜିଲା ସହ ସାରା ରାଜ୍ୟର କୃଷକମାନଙ୍କ ନିକଟରେ ପରିଚିତ କରାଇଥିଲା। ଏଥିପାଇଁ ୨୦୦୫, ୨୦୦୮, ୨୦୦୯, ୨୦୧୧, ୨୦୧୨, ୨୦୧୭ ଓ ୨୦୧୮ରେ ଅନୁଷ୍ଠିତ ବିଭିନ୍ନ ପ୍ରଦର୍ଶନୀରେ ତାଙ୍କୁ ସରକାରଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିଲା। ୨୦୨୦ରେ ପ୍ରକୃତି ବନ୍ଧୁ ପୁରସ୍କାର ମଧ ମିଳିଥିଲା। ତାଙ୍କ ପରଲୋକ ଖବର ଚାଷୀ ମହଲରେ ଶୋକର ଛାୟା ଖେଳାଇ ଦେଇଛି। ଖବରପାଇ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ଦେବାଶିଷ ମିଶ୍ର, କ୍ଷେତ୍ର ବୈଜ୍ଞାନିକ ଡ. ତୀର୍ଯ୍ୟକ ସାମନ୍ତ, ସୌମେନ୍ଦ୍ର କୁମାର ମିଶ୍ରଙ୍କ ସମେତ କର୍ମଚାରୀ, ଶତାଧିକ ଚାଷୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ପ୍ରଧାନଙ୍କ ଦୁଇ ପୁତ୍ର ଅଶୋକ ପ୍ରଧାନ ଓ ଭାଗୀରଥି ପ୍ରଧାନଙ୍କ ସମେତ ୪ ଝିଅ, ନାତୁଣୀ, ନାତି ଅଛନ୍ତି।

# ପୁଣି ଶତକ ଟପିଲା ଦୈନିକ ସଂକ୍ରମଣ

ଅନୁଗୋଳ ଅଫିସ,୧୫।୧

ଅନୁଗୋଳ ଜିଲାରେ ଦୈନିକ କୋଭିଡ୍ ସଂକ୍ରମଣ ପୁଣି ଶହେ ଟପିଛି। ଶନିବାର ଜିଲାରୁ ୧୦୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୫ ହଜାର ୧୦୪ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଅଁରପାଳ ବ୍ଲକ ଅଞ୍ଚଳରୁ ୩୯ଜଣ, ତାଳଚେର ବ୍ଲକରୁ ୧୭, ଅନୁଗୋଳ ପୌରାଞ୍ଚଳରୁ ୧୩, ତାଳଚେର ପୌରାଞ୍ଚଳରୁ ୧୨, ପାଲଲହଡା ବ୍ଲକରୁ ୧୧, ଛେଣ୍ଡିପଦା ବ୍ଲକରୁ ୪, ଅନୁଗୋଳ ବ୍ଲକ ଅଞ୍ଚଳରୁ ୩, ଆଠମଲ୍ଲିକ ବ୍ଲକ ଅଞ୍ଚଳରୁ ୩ ଓ କଣିହାଁ ବ୍ଲକ ଅଞ୍ଚଳରୁ ୨ଜଣ ଅଛନ୍ତି।

### ନେଗେଟିଭ୍ ଚରିତ୍ରରେ ଟବୁ



**ମୁମ୍ବାଇ:** କିଛିଦିନ ହେଲା ବଡ଼ ପରଦାରୁ ଦୂରେଇ ଯାଇଥିବା ବଲିଉଡ୍ ନାୟିକା ଟବୁ ଏଥର ସମ୍ପୂର୍ଣ୍ଣ ଭିନ୍ନ ଚରିତ୍ରରେ ଦର୍ଶକଙ୍କ ମନୋରଞ୍ଜନ କରିବେ। ଆସମାନ ଭରଦ୍ୱାଜଙ୍କ ଅପ୍‌କମିଂ ଫିଲ୍ମ 'କୁତ୍ତେ'ରେ ଟବୁ ନେଗେଟିଭ୍ ରୋଲ୍ କରିବେ ବୋଲି ଜଣାପଡ଼ିଛି। ତାଙ୍କୁ ଜଣେ ଦୁର୍ନୀତିଖୋର କନଷ୍ଟେବଳ କ୍ୟାରେକ୍ଟରରେ ଦେଖିବାକୁ ମିଳିବ। ଟବୁଙ୍କ ବ୍ୟତୀତ ଅର୍ଜୁନ କପୁର, କୋଙ୍କଣା ସେନ ଶର୍ମା ଓ ରାଧିକା ମଦାନ ମଧ୍ୟ ଫିଲ୍ମରେ ରହିଛନ୍ତି। ଏଥିରେ ଅର୍ଜୁନ କପୁର ପୋଲିସ କନଷ୍ଟେବଳ ହୋଇଥିବାବେଳେ କୋଙ୍କଣା ସେନ ଶର୍ମା ଜଣେ ମାଓବାଦୀ, ରାଧିକ ମଦାନ ଜଣେ କଲେଜ ଛାତ୍ରୀ ଭୂମିକାରେ ନଜର ଆସିବେ। 'କୁତ୍ତେ'ର ଅଧିକାଂଶ ଭାଗ ଶୁଟିଂ ଶେଷ ହୋଇଛି।

### ଅବକାରୀ ଚଢ଼ାଉ, ୪ ଗିରଫ

ବଇଣ୍ଡା,୧୫।୧(ଡି.ଏନ.ଏ.)

ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଶନିବାର ଠାକୁରଗଡ଼, ହଣ୍ଡପା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୮୩ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ଠାକୁରଗଡ଼ ଥାନା ଟାପୋଡ଼ୋଲ ଗ୍ରାମର ସୁଶୀଳା ବେହେରା, ସାନହୁଲା ଗ୍ରାମର ପୁଷ୍ପାଞ୍ଜଳି ସେଠୀ, ହଣ୍ଡପା ଥାନା ପାପସରା ଗ୍ରାମର ଶୁକ୍ରୁ ସାହୁ, କଦଳୀମୁଣ୍ଡା ଗ୍ରାମର ରମାକାନ୍ତ ପ୍ରଧାନଙ୍କୁ ଗିରଫ କରାଯାଇଛି। ସେମାନେ ଘରେ ବେଆଇନ ଭାବେ ଦେଶୀ ମହୁଲି ମଦ ବିକ୍ରି କରୁଥିବା ଅଭିଯୋଗ ପାଇ ଆଠମଲ୍ଲିକ ଅବକାରୀ ନିରୀକ୍ଷକ କୌଶଲ୍ୟା ଜେନା, ଉପ ନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡନାୟକ ପ୍ରମୁଖ ଚଢ଼ାଉ କରିଥିଲେ।

### ୨୦୧ ୟୁନିଟ୍ ରକ୍ତ ସଂଗ୍ରହ

ଢେଙ୍କାନାଳ ଅଫିସ, ୧୫।୧



ସ୍ୱେଚ୍ଛାକୃତ ରକ୍ତଦାନ ଶିବିର।

ଢେଙ୍କାନାଳର ଯୁବ ଅନୁଷ୍ଠାନ ରାଇଜିଂ ଷ୍ଟାର କ୍ଲବ୍ ପକ୍ଷରୁ ଶନିବାର ସ୍ଥାନୀୟ ଏକ ହୋଟେଲରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା, ପୁରୁଷ, ଦିବ୍ୟାଙ୍ଗ ସାମିଲ ହୋଇଥିବାବେଳେ ୨୦୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ସମ୍ମାନିତ ବିଧାୟକ ସୁଧୀର ସାମଲ, ପୂର୍ବତନ ନଗରପାଳ ଧର୍ମାନନ୍ଦ ପରିଡ଼ା ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରାଇଥିଲେ। କ୍ଲବ ଅଧ୍ୟକ୍ଷ ରଶ୍ମିରଞ୍ଜନ ପାଢ଼ୀ, ସଭାପତି ସନାତନ ରାଉଳ, ସମ୍ପାଦକ ଗୁରୁପଦ ବିଶ୍ୱାଳ, ଉପଦେଷ୍ଟା ନିରଦାନନ୍ଦ ନନ୍ଦ, ମନୋଜ ପୃଷ୍ଟି, ଗୋଲକନାଥ ବିଶ୍ୱାଳ, ଦେବାଶିଷ ସେଠୀ, ଜିତେନ୍ଦ୍ରୀୟ ପଣ୍ଡା, ବିଶ୍ୱଜିତ୍ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

### ୯ଟା ୧୫ରେ ପତାକା ଉତ୍ତୋଳନ

ଅନୁଗୋଳ ଅଫିସ,୧୫।୧

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଶନିବାର ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ ହୋଇଯାଇଛି। ବିଗତ ବର୍ଷ ଭଳି ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ କୋଭିଡ୍ ନିୟମ ଆଧାରରେ ଅନୁପାଳନ କରାଯିବ। ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମୁଖ୍ୟ ଅତିଥି ପୂର୍ବାହ୍ନ ୯ଟା ୧୫ରେ ଅନୁଗୋଳ ଷ୍ଟାଡିୟମଠାରେ ପତାକା ଉତ୍ତୋଳନ କରିବେ। ଏହି କାର୍ଯ୍ୟକ୍ରମକୁ ଛାତ୍ରୀଛାତ୍ର ଓ ସାଧାରଣ ଲୋକଙ୍କ ଆସିବାକୁ ବାରଣ କରାଯାଇଛି। କେବଳ ବ୍ୟାଣ୍ଡ୍ ପାର୍ଟି ସହ ଜିଲା ପୋଲିସ ଆନୁଷ୍ଠାନିକ ଜାତୀୟ ପତାକା ଓ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇବେ। ଏହି ଅବସରରେ କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯିବ। ୨୩ ଓ ୨୪ ତାରିଖରେ ପରେଡ ପଡିଆରେ ଅଭ୍ୟାସ ଅନୁଷ୍ଠିତ ହେବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ, ଡେପୁଟି କେଲେକ୍ଟର ବଇତୁରା ଦୀପ୍, ମଧୁସ୍ମିତା ବିଶୋଇ, କଳାକାର ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# 'ଜୀବେ ଦୟା' କାର୍ଯ୍ୟକ୍ରମ

ଢେଙ୍କାନାଳ ଅଫିସ,୧୫।୧

ଢେଙ୍କାନାଳର ଯୁବ ଅନୁଷ୍ଠାନ ବଜରଙ୍ଗ କ୍ଲବ ପକ୍ଷରୁ 'ଜୀବେଦୟା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କାରଣରୁ ରୋଗାକ୍ରାନ୍ତ ଏବଂ ଖଣ୍ଡିଆଖାବରା ହୋଇ ବୁଲୁଥିବା ୩ ଷଣ୍ଢ ସମେତ କେତେକ ବୁଲା କୁକୁରଙ୍କୁ ଚିକିତ୍ସା କରାଯାଇଥିଲା। ଜିଲା ପ୍ରାଣୀଧନ ଚିକିତ୍ସା ବିଭାଗର ସହକାରୀ ଚିକିତ୍ସକ ନରେନ୍ଦ୍ର ନାୟକ ଏଥିରେ ସହଯୋଗ କରିଥିଲେ। କ୍ଲବ୍ ସଭ୍ୟ କୃଷ୍ଣଚନ୍ଦ୍ର ନାୟକ, ଗଣେଶ୍ୱର ମହାପାତ୍ର, ଗଣେଶ୍ୱର ବେହେରା, ଜ୍ୟୋତିପ୍ରକାଶ ବେହେରା, ଶୁଭମ୍ ଗୁରୁଙ୍ଗ୍, ବବୁଲ୍ ଦାସ, ରବୀନ୍ଦ୍ର ସୋନି, ରାକେଶ ପାତ୍ର, ପ୍ରୀତମ୍ ମହାନ୍ତି, ସୌରଭ ମହାପାତ୍ର, ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ ମଧ ଏଭଳି ବୁଲାପ୍ରାଣୀଙ୍କ ସେବା ଜାରି ରହିବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।



ଏକ ରୋଗଗ୍ରସ୍ତ ଷଣ୍ଢର ଚିକିତ୍ସା କରାଯାଉଛି।

# ଆସିଛନ୍ତି ୫,୨୨୮ ଅତିଥି ପକ୍ଷୀ

ଢେଙ୍କାନାଳ ଅଫିସ, ୧୫।୧



- ବ୍ରାହ୍ମିନୀ ଡକ୍ ସଂଖ୍ୟା ବୃଦ୍ଧି
- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଢେଙ୍କାନାଳରେ ପକ୍ଷୀଗଣନା ଶେଷ ହୋଇଛି। ୨୦୨୨ରେ ଜିଲାକୁ ଦେଶବିଦେଶରୁ ୫,୨୨୮ ପ୍ରବାସୀ ପକ୍ଷୀଙ୍କ ସମାଗମ ହୋଇଛି। ପରଜଙ୍ଗ ବ୍ଲକର ଦଦରାଘାଟି ଜଳଭଣ୍ଡାର, ବ୍ରାହ୍ମଣୀ ନଦୀକୂଳ, ସଦର ବ୍ଲକ ବଡ଼ ନାଗେନା ଅଞ୍ଚଳକୁ ଅଧିକ ସଂଖ୍ୟାରେ ବ୍ରାହ୍ମିନୀ ଡକ୍‌ଙ୍କ ଆଗମନ ହୋଇଥିବାବେଳେ ସେମାନଙ୍କ କଳରବରେ ମୁଖରିତ ହୋଇଉଠିଛି ସମ୍ପୃକ୍ତ ଅଞ୍ଚଳ।

ପ୍ରବାସୀ ପକ୍ଷୀଙ୍କ ମଧ୍ୟରେ ପାଣି ଡୁବୁକି ପ୍ରଜାତିର ୨୨, ପାଣିକୁଆ ପ୍ରଜାତିର ୧,୦୯୬, ବଗ ପ୍ରଜାତିର ୧,୨୦୪, ଗେଣ୍ଡାଳିଆ ପ୍ରଜାତିର ୧୭୫, ବତକ ଏବଂ ପାତିହଂସ ପ୍ରଜାତିର ୭୪୦, ଟେଣ୍ଟେଇ ପ୍ରଜାତିର ୧୧, ଗଲ୍ ଏବଂ ସ୍କିମର ପ୍ରଜାତିର ୧,୯୮୦ ଅଛନ୍ତି। ଉତ୍ତର ଆଫ୍ରିକା, ନିଉଜିଲାଣ୍ଡ, ୟୁରୋପ ମହାଦେଶର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ ବ୍ରାହ୍ମିନୀ ଡକ୍‌ଙ୍କ ଆଗମନ ହୋଇଛି। ବ୍ରାହ୍ମଣୀ ନଦୀକୂଳରେ ଶିକାରୀଙ୍କ ପ୍ରାଦୁର୍ଭାବ ବଢୁଥିବାରୁ ପକ୍ଷୀଙ୍କ ସୁରକ୍ଷା ନେଇ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଚଳିତବର୍ଷ ଆସିଥିବା ବିହଙ୍ଗଙ୍କ ମଧ୍ୟରେ କେବଳ ବ୍ରାହ୍ମିନୀ ଡକ୍ ବିଦେଶୀ। ଅନ୍ୟ ପ୍ରଜାତିର ପକ୍ଷୀ ଭାରତୀୟ। ସେମାନେ ବିଭିନ୍ନ ରାଜ୍ୟରୁ ଆସିଛନ୍ତି। ଦଦରାଘାଟି ଜଳ ଭଣ୍ଡାରରେ ଗତବର୍ଷ ତୁଳନାରେ ଚଳିତବର୍ଷ ଅଧିକ ସଂଖ୍ୟାରେ ବ୍ରାହ୍ମିନୀ ଡକ୍‌ଙ୍କ ସମାଗମ ହୋଇଛି। ପକ୍ଷୀ ଶିକାର ରୋକିବା ଲାଗି ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପରଜଙ୍ଗର ଦଦରାଘାଟି, କଙ୍କଡ଼ାହାଡ଼ର ଦଣ୍ଡାଧର, ହିନ୍ଦୋଳ ବ୍ଲକର ସାପୁଆ ଜଳଭଣ୍ଡାର ସମେତ ପ୍ରମୁଖ ଜଳାଶୟ, ଆର୍ଦ୍ରଭୂମି ଅଞ୍ଚଳରେ ପକ୍ଷୀଗଣନା କରାଯାଇଥିଲା। ଏଥିରେ ପ୍ରଶିକ୍ଷିତ ବନ କର୍ମଚାରୀ ନିୟୋଜିତ ହୋଇଥିଲେ।

### ପୋଲିସ ଆକ୍ରମଣକୁ ନିନ୍ଦା

ବଇଣ୍ଡା,୧୫।୧(ଡି.ଏନ.ଏ.)

ଜଗତସିଂହପୁର ଜିଲା ଢିଙ୍କିଆ ଗ୍ରାମବାସୀଙ୍କ ଉପରେ ପୋଲିସର ଆକ୍ରମଣକୁ ଏସ୍‌ୟୁସିଆଇ ପକ୍ଷରୁ ନିନ୍ଦା କରାଯାଇଛି। ଏ ନେଇ ଶନିବାର ଏସ୍‌ୟୁସିଆଇ କିଶୋରନଗର ଶାଖା ପକ୍ଷରୁ କରମଳକଟା ନିକଟରେ ଆନ୍ଦୋଳନ କରାଯାଇଛି। ଏଥିରେ ସମ୍ପାଦକ ତୀର୍ଥବାସୀ ଭୋଇ, ରମଣୀ ରଞ୍ଜନ ପ୍ରଧାନ, ସରୋଜିନୀ ନାୟକ, ରବୀନ୍ଦ୍ର ସାହୁ, ଯୋଗେଶ୍ୱର ପ୍ରଧାନ, ବାବାଜୀ ଚରଣ ପ୍ରଧାନ, ଗୌର ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ।

